# Akashvani, Sambalpur

## SAMBALPURI NEWS EVENING BULLETIN

## 6 January 2026 - 7.02 pm- 7.12 pm.

*********************************************

୧- ବିକଶିତ ଭାରତ ଜୀ ରାମ୍‌ଜୀ ଆଇନ୍ ଗ୍ରାମ ସ୍ୱରାଜ୍ ଲକ୍ଷ୍ୟ ହାସଲ୍ ଲାଗି ସାହାଜ୍ କର୍‌ବା-କହେଲେ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଆ ସହେତେ ୫ ଟା ଶାସ୍ତ୍ରୀୟ ଭାଷାଥି ୫୫ ଟା ସାହିତ୍ୟକୃତିକେ ଉନ୍ମୋଚନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ଚଲିତ୍ ଆର୍ଥିକ୍ ବଛ୍‌ରର୍ ବଜେଟ୍ ତିଆରି ଲାଗି ରାଜ୍ୟ ଅର୍ଥ ବିଭାଗ୍ ତର୍‌ଫୁ ମତାମତ୍ ଆହ୍ୱାନ ।

୪- ଚିଲିକାର୍ ଜୈବ ବିବିଧତା ଆଉ ପକ୍ଷୀ ସୁରକ୍ଷାର୍ ଲକ୍ଷ୍ୟ ନେଇକରି ଉଦ୍‌ଘାଟିତ୍ ହେଲା ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ।

ଆଉର୍

୫- ନୟାଗଡ୍ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର୍ ସାତକୋଶିଆ ଗଣ୍ଡ ନ ମୁଲ୍ ହେଲା ମଗର୍ ଗନ୍‌ତି ।

ବିଭିଜିରାମ୍‌ଜୀ- ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିକଶିତ ଭାରତ ଜୀ ରାମ୍‌ଜୀ ଆଇନ୍ ଗ୍ରାମ ସ୍ୱରାଜ୍ ଲକ୍ଷ୍ୟ ହାସଲ୍ କରିକରି ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ ଲାଗି ସହାୟକ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ରାଜ୍ୟ ବିଜେପି କାର୍ଯ୍ୟାଲୟ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିବିଜିରାମ୍‌ଜୀ ଆଇନ୍‌ର ଲାଭ୍ ଆଉ ତାର୍ ଲକ୍ଷ୍ୟ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ବୈଷୟିକ ଜ୍ଞାନ୍ କୌଶଲ୍ ବେଭାର୍ କରିକରି ଦୁର୍ନୀତି ହଟାବାର୍‌ଟା ଇ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ଇତାର୍ ଜରିଏ ଗାଁ ଇଲାକାର୍ ଶ୍ରମିକ୍ ମାନ୍‌କୁ ବରସ୍‌କ ଶହେ ୨୫ ଦିନର୍ କାମ୍ ସୁନିଶ୍ଚିତ୍ କରାଯିବା । ୨ ଶହ ୬୦ ରକ୍‌ମର୍ ଛୋଟ୍‌ବଡ଼ କାମ୍ ଭିତ୍‌ରୁ ପାନିର୍ ସୁରକ୍ଷା, ଗାଁ ଇଲାକାର୍ ଭିତିଭୂମି, ଜୀବିକା ସୁରକ୍ଷା ଆଉ ଜଲ୍‌ବାୟୁ ସୁରକ୍ଷା ଦିଗ୍‌କେ ଅଏତ୍‌କା ଧ୍ୟାନ୍ ଦେବା । ଚାଷୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ଇ ଆଇନ୍‌ଥି ଅମଲ୍ ସମିଆଥି କାମ୍ ବନ୍ଦ୍ ରଖାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଧର୍ମେନ୍ଦ୍ର ପ୍ରଧାନ-ସାହିତ୍ୟକୃତି ପି.ଆଇ.ବି.

ଓଡ଼ିଆ, କନ୍ନଡ଼୍, ତାମିଲ୍, ତେଲୁଗୁ ଆଉ ମାଲାୟଲମ୍ ଶାସ୍ତ୍ରୀୟ ଭାଷା ଲାଗି ୫୫ ଟା ସାହିତ୍ୟକୃତିକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ନୂଆଦିଲ୍ଲୀ ନ ଉନ୍ମୋଚନ୍ କରିଛନ୍ । ଇ ସବୁ ସାହିତ୍ୟ କୃତି କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ୍ ତର୍ଫୁ ବିକଶିତ୍ କରାଯାଇଛେ । ଇ ଅବ୍ସରେ ଶ୍ରୀ ପ୍ରଧାନ୍ କହିଛନ୍, ଭାରତୀୟ ଭାଷା ଦେଶର୍ ସମାଜ୍‌କେ ସଂଯୋଗ୍ କରୁଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ଭାରତୀୟ ଭାଷାକେ ଜାତୀୟ ଭାଷା ବଲି ବର୍ଣ୍ଣନା କର୍‌ସନ୍ । ଗଲାବଛର୍ ଦେଶର୍ ୫ ଟା ଭାଷାକେ ସେମାନ୍‌କର୍ ପ୍ରାଚୀନ୍ ମୌଳିକତା ବଲି ଶାସ୍ତ୍ରୀୟ ଭାଷାର୍ ମାଏନ୍‌ତା ଦିଆଯାଇଥିଲା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ପାଣିପଂଚାୟତ୍ ପକ୍ଷ        ବଲାଙ୍ଗିର/ଦେବଗଡ଼୍

ପାଣି ପଂଚାୟତ୍ ମାନ୍‌କର୍ ଦକ୍ଷତା ବିକାଶ୍ ଆଉ କୃଷକ୍‌ମାନ୍‌କୁ ଜଲ୍‌ସେଚନ୍ କ୍ଷେତ୍ରଥି ସଶକ୍ତ କର୍‌ବାର୍ ଲାଗି ସାରା ରାଏଜେ ଆଏଜ୍‌ଠାନୁ ପାଣି ପଂଚାୟତ୍ ପକ୍ଷ ପାଲନ୍ କରାଯାଉଛେ । ଇ ଅବ୍ସରେ ଜଲ୍‌ସମ୍ପଦ୍ ବିଭାଗ୍ ତର୍ଫୁ ପାଣି ପଂଚାୟତ୍ ସଦସ୍ୟମାନ୍‌କୁ ତାଲିମ୍ ଦିଆଯିବା ।

ବଲାଙ୍ଗିର୍ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ସହରର୍ ଶାନ୍ତିପଡ଼ା କଲ୍ୟାଣ୍ ମଣ୍ଡପ୍ ନ ପାଣି ପଂଚାୟତ୍ ପକ୍ଷ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପାଣି ପଂଚାୟତ୍ ଗଠନ୍‌ର ଲକ୍ଷ୍ୟ ବାବ୍‌ଦେ ବୁଝେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ନ ବିଭାଜନ୍ ସ୍ତରୀୟ ପାଣି ପଂଚାୟତ୍ ପକ୍ଷ ପାଲନ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ ଆବାସିକ୍ କାର୍ଯ୍ୟାଳୟ ସାମ୍ନା ନ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଇ ରଥକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିକରି ପାଣି ପଂଚାୟତ୍ ମହତ୍ୱ ବାବ୍‌ଦେ ବୁଝେଇଛନ୍ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବୁଲିକରି ପାଣି ପଂଚାୟତ୍ ବାବ୍‌ଦେ ଲୁକ୍‌କୁ ସୂଚ୍‌ନା ଦେବା ।

ଶିଶିର ସରସ ମେଳା I&PR

ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ଅନ୍ତର୍ଗତ ଓର୍‌ମାସ୍ ତର୍‌ଫୁ ଜାନୁଆରୀ ୧୦ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଶିଶିର ସରସ -୨୦୨୬ ମେଳା ମୁଲ୍ ହେବା । ମିଶନ୍ ଶକ୍ତି ବିଭାଗ୍‌ର ସହଭାଗିତାଥି ହଉଥିବା ଇ ମେଳାର୍ ମୁଖ୍ୟ ଉଦ୍ଦେଶ୍ୟ ହେଉଛେ- ଗ୍ରାମୀଣ ଉତ୍ପାଦକ, କାରିଗର ଆଉ ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ସେମାନ୍‌କର୍

ଭିନ୍ ଭିନ୍ ଦରବ୍ର ବିକ୍ରି ଲାଗି ସୁଯୋଗ୍ ଯୁଗେଇ ଦେବାର୍ । ୧୮ ତାରିଖ୍ତକ୍ ହେବାର୍କେ ଥିବା ମେଳାଥି  ଓଡ଼ିଶା ଆଉ ଅଲ୍ଗା ୨୦ ଟା ରାଜ୍ୟନୁ ଶିଳ୍ପୀମାନେ ସାମିଲ୍ ହେବେ । ଇଥି ୩ ଶହ ୪୦ ଟା ଷ୍ଟଲ୍ ଖୁଲାଯିବା । ଇ ଅବ୍ସରେ ୬ ଟା କର୍ମଶାଳା ଆଉ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେବା ।

ବାୟୁ ପ୍ରଦୂଷଣ୍ -ରାଜ୍ୟ ସର୍କାର୍ କଟ୍କନା     ଭୁବ୍ନେଶ୍ୱର୍

କଟ୍କ- ଭୁବ୍ନେଶ୍ୱର୍ ନ ବାୟୁ ପ୍ରଦୂଷଣ୍ ମାତ୍ରା ରୁକ୍ବାର୍ ଲାଗି ରାଜ୍ୟ ସର୍କାର୍ କଟ୍କନା ଜାରି କରିଛନ୍ । ଆଏଜ୍ଠାନୁ ୭ ଦିନ୍ତକ୍ କଟକ୍ ଭୁବ୍ନେଶ୍ୱର୍ ନ ସଞ୍ଜବେଲର୍ ୬ ବଜେନୁ ସଖାଲର୍ ୧୦ ବଜେତକ୍ ନିର୍ମାଣ୍ କାମ୍ ବନ୍ଦ୍ ରହେବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଜାତୀୟ ରାଜ୍ପଥ୍ ନ ଧୁଏଲ୍କେ ଆଏତ୍ କର୍ବାର୍ ଲାଗି ଦିନ୍କୁ ୩ ଥର୍ ପାଏନ୍ ଝିଟାଯିବା । ବାହାରେ ଜଗ୍ଡ଼ା କି ଢାବା ନ କୁଇଲା ଜାଲ୍ବାର୍, ସହର୍ ଭିତ୍ରେ ଭଙ୍ଗାରୁଜା କାମ୍ ଉପ୍ରେ ଭିଲ୍ କଟ୍କନା ଲଗାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଚିଲିକା ହ୍ରଦ ସୁରକ୍ଷା-ଅର୍ଥମନ୍ତ୍ରୀ       ହି.ସ.

ଚିଲିକା ହ୍ରଦର ସୁରକ୍ଷା ଆଉ ପୁନରୁଦ୍ଧାର୍ ବାବ୍‌ଦେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କୁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉ ପୁରୀ ସାଂସଦ୍ ସମ୍ବିତ୍ ପାତ୍ର ଭେଟିକରି ଆଲୋଚନା କରିଛନ୍ । ଇ ଅବ୍‌ସରେ ଚିଲିକା ହ୍ରଦ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଛେ ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇଛନ୍ ।

ପଠନ ପ୍ରୋତ୍ସାହନ ସପ୍ତାହ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ପିଏମ୍‌ଶ୍ରୀ ବିଦ୍ୟାଲୟ ନ 'ପଢ଼ିବା ଗଢ଼ିବା ଓଡ଼ିଶା' ପାଠ୍‌ପଢ଼ା ପ୍ରୋତ୍ସାହନ ସପ୍ତାହ ଆଏଜ୍‌ଠାନୁ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ ଆଏବା ୧୦ ତାରିଖ୍‌ତକ୍ ହେବା । ତାର୍ ଉତ୍‌ରୁ ଜିଲ୍ଲାସ୍ତରୀୟ ପଠନ ନୂଆଁ ସୃଜନ ପ୍ରଦର୍ଶନ୍ ଆଉ ରାଜ୍ୟସ୍ତରୀୟ ପଠନ ଉତ୍ସବ ମେଳାର୍ ଆୟୋଜନ୍ କରାଯିବା । ଇଥିର୍‌ଲାଗି ଚଲିତ ଆର୍ଥିକ୍ ବଛ୍‌ରେ ୬ ଶହ ୬୨ ଟା ପିଏମ୍‌ଶ୍ରୀ ବିଦ୍ୟାଲୟକେ ସର୍‌କାର୍‌ଙ୍କର୍ ତର୍‌ଫୁ ପାଣ୍ଠି ଯୁଗେଇ ଦିଆଯାଇଛେ ।

ବଜେଟ୍- ମତାମତ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଚଳିତ୍ ଆର୍ଥିକ୍ ବଛରର୍ ବଜେଟ୍ ତିଆରି ଲାଗି ରାଜ୍ୟ ଅର୍ଥ ବିଭାଗ୍ ତର୍ଫୁ ପ୍ରସ୍ତୁତି ମୁଲ୍ ହେଇଯାଇଛେ । ବଜେଟ୍ ବନାବାର୍ ଆଘୋନୁ ବିଭାଗ୍ ତର୍ଫୁ ଜନସାଧାରଣ୍ଙ୍କର୍ନୁ ମତାମତ୍ ଆହ୍ୱାନ୍ କରାଯାଇଛେ । ଜାନୁଆରୀ ୩୧ ତାରିଖ୍ତକ୍ odisha.budget@gov.in ଥି ଲୁକେ ନିଜର୍ ମତାମତ୍ ଇ-ମେଲ୍ କରିପାର୍ବେ । ୯୪୩୮-୧୬-୧୧୧୧ ନମ୍ବରଥି ଭିଲ୍ ୱାଟ୍ସ୍ଆପ୍ ଜରିଏ ଲୁକେ ମତାମତ୍ ଦେଇପାର୍ବେ ।

ଜାତୀୟ ଚିଲିକା ବିହଙ୍ଗ ଉତ୍ସବ I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍, ଜଙ୍ଗଲ୍, ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତନ୍ ବିଭାଗ୍ ତର୍ଫୁ ଚିଲିକା ଆଉ ମଙ୍ଗଳାଜୋଡ଼ି ଠାନେ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଆଏଜ୍ଠାନୁ ମୁଲ୍ ହେଇଛେ । ଉତ୍ସବ୍କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଜଙ୍ଗଲ୍ ବିଭାଗ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ପ୍ରବାସୀ ପକ୍ଷୀଙ୍କର୍ ଯାତ୍ରା ଓଡ଼ିଶାର୍ ଅନୁକୂଳ ଜଳବାୟୁର ପ୍ରମାଣ୍ ଆଏ । ସୁରକ୍ଷିତ୍ ପ୍ରାକୃତିକ୍ ଉପାଦାନ୍, ସୁରକ୍ଷିତ୍ ପର୍ଯ୍ୟଟନ୍ର ପ୍ରତୀକ୍ ଆଏ । ଚିଲିକା ନ ପ୍ରବାସୀ ପକ୍ଷୀ ମାନ୍କର୍ ଆଗମନ, ଗତି ଆଉ

ରହଣୀ ବାବ୍‌ଦେ ଶ୍ରୀମତୀ ପରିଡ଼ା ଆଲୋଚନା କର୍‌ବାର୍ ସହେତେ ଜୈବ ବିବିଧତାର୍ ସଂରକ୍ଷଣ୍ ଉପରେ ଜୋର୍ ଦେଇଥିଲେ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ସେନ୍ତା ପକ୍ଷୀ ଆଉ ଚିକିକାର୍ ଜୈବ ବିବିଧତାକେ ଗୁରୁତ୍ୱ ଦେବାର୍ ସହେତେ ଚିଲିକା ନ ପକ୍ଷୀ ମାନ୍‌କର୍ ସୁରକ୍ଷା ଆଉ ବିକାଶ୍ ଲାଗି ୧୧ ଶହ ୨୬ କୋଟି ଟଙ୍କାର୍ ଡିପିଆର୍ ତିଆର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ୩ ଦିନିଆ ଉତ୍ସବ୍‌ଥି ପକ୍ଷୀ ନିରୀକ୍ଷଣ, ନୌଚାଲନା, କର୍ମଶାଳା ଆଉ ଆଲୋଚନାଚକ୍ରମାନ୍ ଆୟୋଜନ୍ କରାଯିବା ।

ସାତକୋଶିଆ -ମଗର୍ ଗନ୍‌ତି ନୟାଗଡ଼୍ ସମ୍ବାଦଦାତା

ନୟାଗଡ଼୍ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ୍‌ଥି ଥିବା ସାତକୋଶିଆ ଗଣ୍ଡ ନ ଆଏଜ୍‌ଠାନୁ ମଗର୍ ଗନ୍‌ତି ମୁଲ୍ ହେଇଛେ । ଗନ୍‌ତି ଆଏବା ୮ ତାରିଖ୍‌ତକ୍ ଚାଲ୍‌ବା । ବନ୍ୟପ୍ରାଣୀ ବିଭାଗ୍‌ର ୩ ଟା ଦଲ୍ ଦୂରବିକ୍ଷଣ୍ ଯନ୍ତ୍ର ଆଉ କେମ୍‌ରା ଜରିଏ ଛୋଟ୍ ଡଙ୍ଗାଥି ନଏଦ୍ ଭିତ୍‌ରେ ସଖାଲର୍ ୬ ନୁ ଦିନର୍ ୧୨ ବଜେତକ୍ ମଗର୍ ଗନ୍‌ତି କରୁଛନ୍ । ତାର୍ ଉତ୍‌ରୁ ୧୭ ଆଉ ୧୮ ତାରିଖ୍ ଦିନ ପକ୍ଷୀ ଗନ୍‌ତି କରାଯିବା ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସିବିଏସ୍‌ଇ ଛାତ୍ରଛାତ୍ରୀ- କାଉନ୍‌ସେଲିଂ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ୍‌- ସିବିଏସ୍‌ଇ ଛାତ୍ରଛାତ୍ରୀଙ୍କର୍ ଚାପ ଦୂର୍ କର୍‌ବାର୍ ଲାଗି ସାଇକୋ ସୋସିଆଲ୍ କାଉନ୍‌ସେଲିଂ ସପୋର୍ଟ ବ୍ୟବସ୍ଥା ଆଏଜ୍‌ଠାନୁ ମୁଲ୍ କରାଯାଇଛେ । ପହେଲା ଖେପେ ୧୦ ଆଉ ୧୨ ଶ୍ରେଣୀର୍ ଛାତ୍ରଛାତ୍ରୀଙ୍କୁ ମାହାଲିଆ କାଉନ୍‌ସେଲିଂ କରାଯିବା । ଇତାର୍ ଜରିଏ ଛାତ୍ରଛାତ୍ରୀମାନ୍‌କର୍ ଆତ୍ମବିଶ୍ୱାସ୍ ବଢ଼୍‌ବାର୍ ସହେତେ ମାନସିକ ସନ୍ତୁଲନ୍ ରକ୍ଷା କରାଯାଇପାର୍‌ବା । ପରାମର୍ଶ ପାଏବାର୍ ଲାଗି ଛାତ୍ରଛାତ୍ରୀ ଟୋଲ୍‌ଫ୍ରି ନମ୍ବର୍ ୧୮୦୦ -୧୧-୮୦୦୪ କେ ଡାଏଲ୍ କରିପାର୍‌ବେ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ମାଘ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ନୀତି ମୁଲ୍ କରାଯିବା । ଇଥିର୍‌ଲାଗି ଉପର୍‌ବେଲା ୫ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଶ୍ରୀରାମ- ପଂଚରତ୍ନ ଧନୁ        ବୌଦ୍ଧ /ବଲାଙ୍ଗିର ସମ୍ବାଦଦାତା

ଆଏବା ୨୨ ତାରିଖ୍ ଦିନ ହେବାର୍‌କେ ଥିବା ଅଯୋଧ୍ଯା ଶ୍ରୀରାମ୍ ମନ୍ଦିର୍ ଥାପ୍‌ନା ଦିବସ୍ ଅବ୍‌ସରେ ଓଡ଼ିଶା ସନାତନ ଜାଗରଣ୍ ମଂଚ୍ ତର୍‌ଫୁ ୨ ଶହ ୮୫ କେଜି ପଂଚରତ୍ନ ଧନୁ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ୍ କରାଯିବା । ଇ ଧନୁକେ ଅଯୋଧ୍ଯାକେ ନିଆଯାଉଛେ । ପଂଚରତ୍ନ ଧନୁ ବୌଦ୍ଧ ନ ପୁହୁଁଚିବାର୍ ଉତ୍‌ରୁ ଜିଲ୍ଲା ନ ସ୍ୱାଗତ୍ କରାଯାଇଛେ ।

ତାର୍ ଉତ୍‌ରୁ ଆଏଜ୍ ଇ ଧନୁକେ ବଲାଙ୍ଗିର୍ ଜିଲ୍ଲା ନ ଭବ୍ୟ ସ୍ୱାଗତ୍ କରାଯାଇଛେ । ଧନୁ ରଥ ସହରର୍ ପାଟଣେଶ୍ୱରୀ ମନ୍ଦିର୍ ପାଖ୍‌କେ ପୁହୁଁଚିବାର୍ ଉତ୍‌ରୁ ପୂଜା କରାଯାଇଥିଲା । ଇ ଧନୁ ଗଲା ୨ ତାରିଖ୍‌ନୁ ରାଉର୍‌କେଲା ହନୁମାନ୍ ବାଟିକାନୁ ବାହାରିଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଆଏବା ୩ /୪ ଦିନ୍ ଭିତ୍‌ରେ ରାଏଜେ ଆହୁରି ୧ ନୁ ୨ ଡିଗ୍ରୀ ତକ୍ ତାପମାତ୍ରା କମିକରି ଶୀତ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି

କହିଛନ୍ । ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ର ପ୍ରଭାବ୍ ଓଡ଼ିଶା ଉପ୍ରେ ନାଇଁ ପଡ୍ବେ ବଲି ଶ୍ରୀମତୀ ମହାନ୍ତି କହିଛନ୍ ।